ପ୍ରମେୟ
THE PRAMEYA

# ଆଇଆଇଟି ଦ୍ୱାରା କଂସପଦା ପ୍ରାଥମିକ ବିଦ୍ୟାଳୟର ବିଦ୍ୟୁତିକରଣ

**ଗ୍ରାମୀଣ ଘରୋଇ ସୌର ବିଦ୍ୟୁତିକରଣ ଯୋଜନାରେ କାର୍ଯ୍ୟକାରୀ ହେଲା**

ଭୁବନେଶ୍ୱର,୧୧।୧୧(ବ୍ୟୁରୋ): ଭୁବନେଶ୍ୱର ଆଇଆଇଟି (ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି)ଦ୍ୱାରା ଜଟଣୀସ୍ଥିତ କଂସପଦା ପ୍ରାଥମିକ ବିଦ୍ୟାଳୟର ବିଦ୍ୟୁତିକରଣ ପାଇଁ ସହାୟତାର ହାତ ବଢାଇଛି। ଗ୍ରାମୀଣ ଘରୋଇ ସୌର ବିଦ୍ୟୁତିକରଣ ଯୋଜନାରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। ରାଜ୍ୟ ସରକାରଙ୍କ ଯୋଜନା ଓ ଅଭିସରଣ ବିଭାଗ ପକ୍ଷରୁ ଏହି ପ୍ରକଳ୍ପ ପାଇଁ ପାଣ୍ଠି ଯୋଗାଇ ଦିଆଯାଇଛି। ଭୁବନେଶ୍ୱର ଆଇଆଇଟିର ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ୍ ସାଇନ୍ସେସ୍ ପକ୍ଷରୁ ଏହାକୁ କାର୍ଯ୍ୟକାରୀ କରାଯାଇଛି। ଏବେ ଏହି ବିଦ୍ୟାଳୟରେ ମୋଟ ୨ଶହ ୱାଟ୍‌ର ଲୋଡ୍ ଦିଆଯାଉଥିବା ବେଳେ ୬ଶହ ୱାଟ୍ ଉତ୍ପାଦନ କରାଯାଉଛି। ତେବେ ଆଗାମୀ ଦିନରେ ଅଧିକ ସଂଖ୍ୟକ ପଙ୍ଖା ଓ ବଲବ୍ ଜଳାଇବାର ସୁଯୋଗ ରହିଛି ବୋଲି ନିର୍ଦ୍ଦେଶକ ପ୍ରଫେସର ରତ୍ନମ୍ ବରଦା ରାଜକୁମାର ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପ ପାଇଁ ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ୍ ସାଇନ୍ସେସ୍ ପକ୍ଷରୁ ପ୍ରଫେସର ଏନ୍ ସି ସାହୁ ମୁଖ୍ୟ ଥିବା ବେଳେ ଡ. ଏସ୍ ମହାପାତ୍ର ସହଯୋଗ କରିଥିଲେ।